## ସଂକ୍ଷେପରେ

### ହତ୍ୟା ଉଦ୍ୟମ ଅଭିଯୋଗରେ ଜଣେ ଜେଲ ଗଲେ

**କୁଜଙ୍ଗ,୨୨।୯(ଡି.ଏନ.ଏ.):** କୁଜଙ୍ଗ ଥାନା ପୋଲିସ ହତ୍ୟା ଉଦ୍ୟମ କରିଥିବା ଚଟୁଆ ଗାଁର ପ୍ରଦୀପ ନାୟକଙ୍କୁ ମଙ୍ଗଳବାର ରାତିରେ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଚଟୁଆ ଗାଁର ସଂଗ୍ରାମ ନାୟକ ଓ ପ୍ରଦୀପଙ୍କ ମଧରେ ପୂର୍ବ ବିବାଦକୁ ନେଇ ସଂଘର୍ଷ ହୋଇଥିଲା। ଫଳରେ ଉଭୟପକ୍ଷ ମାରଣାସ୍ତ୍ରରେ ଆକ୍ରମଣ କରିବାରୁ ଉଭୟଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହେବାସହ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ଏ ନେଇ ସଂଗ୍ରାମଙ୍କ ପକ୍ଷରୁ ତାଙ୍କ ସ୍ତ୍ରୀ ରଶ୍ମିତା ନାୟକ ଅଭିଯୋଗ କରିଥିବାବେଳେ ପ୍ରଦୀପ ନିଜେ ଅଭିଯୋଗ କରିଥିଲେ। ଥାନାରେ ନଂ.୨୦୫,୨୦୬/୨୧ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲା। ୫ଦିନ ତଳେ ସଂଗ୍ରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ସେ ଜେଲରେ ଅଛନ୍ତି। ପ୍ରଦୀପ ଚିକିତ୍ସିତ ହୋଇ ଫେରିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

### ବିଦ୍ୟୁତ୍ ଆଘାତରେ ୨ ଗାଈ ମୃତ

#### କ୍ଷତିପୂରଣ ଦାବିରେ ରାସ୍ତାରୋକୋ



**ଆଳି,୨୨।୯(ଡି.ଏନ.ଏ.):** ଆଳି ଥାନା ନୂଆପଡ଼ା ଗାଁରେ ବୁଧବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗ୍ରାମର ୨ ଗାଈଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଆହତ ହୋଇଛନ୍ତି । ଏହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା । କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ସୂଚନା ଅନୁଯାୟୀ, ସବୁଦିନ ପରି ଗାଁର ଗାଈଗୁଡ଼ିକ ପାଖ ବିଲକୁ ଚରିବାକୁ ଯାଇଥାନ୍ତି। ବୁଧବାର ସକାଳେ ବିଲକୁ ଗାଈପଲ ଚରିବାକୁ ଯାଇଥିଲେ । ହେଲେ ସେଠାରେ ଏକ ବିଦ୍ୟୁତ୍ ତାର ଛିଡି ପଡ଼ିଥିଲା । ସେହି ତାର ସଂସ୍ପର୍ଶରେ ଆସି ଗ୍ରାମର ଅମୂଲ୍ୟ ଦାସ ଓ ଅର୍ଜୁନ ଦାସଙ୍କ ୨ ଗାଈ ସେଠାରେ ପ୍ରାଣ ହରାଇଥିଲେ । ଆଉ ୪ ଗାଈ ଆହତ ହୋଇଥିଲେ । ଏହି ଘଟଣା ଜଣାପଡିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗ୍ରାମବାସୀ ରାସ୍ତାରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଦୀର୍ଘଦିନ ହେବ ପୁରୁଣା ତାରରେ ବିଦ୍ୟୁତ୍ ସରବରାହ ଚାଲିଛି । ତାର ବଦଳାଇବାକୁ ବାରମ୍ବାର କହିବା ସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ ଶୁଣୁ ନାହାନ୍ତି। ଏ ସଂକ୍ରାନ୍ତରେ ଟାଟା ପାୱାର କର୍ତ୍ତୃପକ୍ଷଙ୍କ ନିକଟରେ ବି ଅଭିଯୋଗ ହୋଇଛି । ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଏପରି ଘଟଣା ଘଟିଛି । ତୁରନ୍ତ ଗାଈ ମାଲିକଙ୍କୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଖବର ପାଇ ବିଦ୍ୟୁତ୍ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସପ୍ତାହେ ମଧ୍ୟରେ ଏହି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ସହିତ କିଛି ଅର୍ଥ ରାଶି ପ୍ରଦାନ କରିଥିଲେ । ତଦନ୍ତ ପରେ ତହସିଲ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ବୋଲି ସୂଚନା ମିଳିବା ପରେ ରାସ୍ତାରୋକୋ ହଟିଥିଲା।

### କ୍ଷତିଗ୍ରସ୍ତ ଅଞ୍ଚଳ ସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ

**ବାଲିକୁଦା,୨୨।୯(ସ୍ୱ.ପ୍ର.):** ବର୍ଷା ଛାଡ଼ିଯିବା ପରେ ଲୋକଙ୍କ ଦୁର୍ଦ୍ଦଶା ବଢି ଚାଲିଛି। ଧାନ ଫସଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ବେଳେ ପରିବା ଚାଷ ମଧ ଉଜୁଡ଼ି ଯାଇଛି। ଲୋକଙ୍କ ଆର୍ଥିକ ମାନଦଣ୍ଡ ମଧ ଭୁଶୁଡ଼ି ପଡ଼ିବା ସହ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସବୁ ପରିସ୍ଥିତିକୁ ସାମ୍ନା କରିବାକୁ ବିଧାୟକ ତଥା ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁ ନନ୍ଦନ ଦାସ ଅଞ୍ଚଳବାସୀଙ୍କୁ ପରାମର୍ଶ ଦେବା ସହିତ ଧୈର୍ଯ୍ୟର ମୁକାବିଲା କରିବାକୁ କହିଛନ୍ତି। ବୁଧବାର ମନ୍ତ୍ରୀ ଦାସ ଅଳାଭର ପଞ୍ଚାୟତର କୁଲିଆଗାଁ, ମଝିକୋରା, ବୋରିକିନା ପଞ୍ଚାୟତର କୁନ୍ଦୁପୁରୁ, କୋସିଦା, ବାରିଆମୂଳ, ଦୁଆ, ତିତିରା ପଞ୍ଚାୟତର ରମ୍ଭିଳା, ବେଗୁନିଆ, ତିତିରା, କେଉଟପାଳ, ବାରବାଟିଆ, ସୁମୋଡ଼ା, ମଠସାହି, ଓରଡ଼ାଙ୍ଗ, ରାମତୋଳ ଗାଁ ବୁଲିବା ସହ ସ୍ଥିତି ଅନୁଧ୍ୟାନ କରିଥିଲେ। ତାଙ୍କ ସହ ଜିଲାପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ସରପଞ୍ଚ ଅଶୋକ ବିଶ୍ୱାଳ, ଜୟାରାମ ଦାସ, ଭ୍ରମରବର ସାହୁ, ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ, ପ୍ରକାଶ ପ୍ରଧାନ, ଛାତ୍ର ବିଜେଡି ସଭାପତି ସାଗର ପତି ପ୍ରମୁଖ ଉପସ୍ଥିତ ଥିଲେ। ଗାଁ ଦାଣ୍ଡରେ ଏବେ ବି ପାଣି ଜମି ରହିଛି।

# ନଡ଼ିଆକତା ହସ୍ତଶିଳ୍ପ କ୍ଲଷ୍ଟର ଘୋଷଣାରେ ସୀମିତ

**କେନ୍ଦ୍ରାପଡ଼ା ଅଫିସ, ୨୨।୯**

- ୨ ବର୍ଷ ବିତିଲା, ମିଳିନାହିଁ ଅନୁଦାନ
- ୫ ଶହରୁ ଊର୍ଦ୍ଧ୍ୱ କାରିଗର ନିରାଶ
- ନଡିଆକତା ସାମଗ୍ରୀ ପରିବେଶ ପାଇଁ ଅନୁକୂଳ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ସରକାର ଗଠନ ସମୟରେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡଙ୍ଗୀଙ୍କୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ପଦ ମିଳିଥିଲା। ଏହି ସମୟରେ ସ୍କିମ୍ ଫର୍ ରିଜେନେରେଶନ ଅଫ୍ ଟ୍ରାଡିଶନାଲ ଇଣ୍ଡଷ୍ଟ୍ରିଜ (ସ୍ଫୁର୍ତ୍ତି) ମାଧ୍ୟମରେ ରାଜ୍ୟର ୧୫ଟି ନଡିଆ କତା ହସ୍ତଶିଳ୍ପ ଖୋଲିବାକୁ ସେ ଘୋଷଣା କରିଥିଲେ। ୨୦୧୯ ଅଗଷ୍ଟ ୨୫ରେ ଭିଡିଓ କନଫରେନ୍ସ ମାଧ୍ୟମରେ କୋଣାର୍କ, ପୁରୀ, ବ୍ରହ୍ମପୁର, ବାଲେଶ୍ୱର ଓ କେନ୍ଦ୍ରାପଡ଼ାରେ କ୍ଲଷ୍ଟରର ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ଏହି ଶିଳାନ୍ୟାସକୁ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଛି। କ୍ଲଷ୍ଟର ପାଇଁ ୧୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ସେଥିରୁ ପ୍ରଥମ ପର୍ଯ୍ୟାୟରେ ୨.୫ କୋଟି ଟଙ୍କା ମିଳିବାର ଥିଲା। ହେଲେ ତାହା ଅଦ୍ୟାବଧି ଆସିନାହିଁ। ଏହି କ୍ଲଷ୍ଟରକୁ ନେଇ ଉଚ୍ଚ ଆଶା ବାନ୍ଧିଥିବା ଜିଲାର ୫୦୦ରୁ ଊର୍ଦ୍ଧ୍ୱ କାରିଗର ନିରାଶ ହୋଇଛନ୍ତି। ପରିବେଶ ସୁରକ୍ଷା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଥିବା ବେଳେ ଏହା ବାସ୍ତବରେ କାର୍ଯ୍ୟକାରୀ ହେଉ ନ ଥିବା ବୁଦ୍ଧିଜୀବୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଛନ୍ତି।



କାରିଗରମାନେ କତାରେ ବିଭିନ୍ନ ସାମଗ୍ରୀ ତିଆରି କରୁଛନ୍ତି।

ଏ ସମ୍ପର୍କରେ ଉମାରାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ବନସ୍ମିତା ସାମଲ କହିଛନ୍ତି, ଜିଲାର ପାରିପଙ୍ଗରା, ନନତାର, ଆକୁଳିପଡ଼ା, ପିମ୍ପୁଡି, ଆଇତିପଡ଼ା, ପଲ୍ଲୀ ସାହାଡ଼ା, ଶାସନ, ତରାସ, ସିଆଳିଆ ଆଦି ଗ୍ରାମରେ ୫୦୦ରୁ ଊର୍ଦ୍ଧ୍ୱ ନଡିଆକତା ହସ୍ତଶିଳ୍ପୀ କାରିଗର ଅଛନ୍ତି। ସାମଗ୍ରୀ ନିର୍ମାଣ ସମୟରେ ନଡ଼ିଆ କତା, ରଙ୍ଗ ଆଦି ସହଜରେ ମିଳୁ ନାହିଁ। ପୁଣି ସାମଗ୍ରୀ ପ୍ରସ୍ତୁତ ପରେ ବିକ୍ରି ପାଇଁ ବାରଦୁଆର ବୁଲିବାକୁ ପଡୁଛି। ଏହି ଶିଳ୍ପ ପାଇଁ ସହଜରେ ଋଣ ମିଳୁ ନ ଥିବାରୁ କାରିଗରଙ୍କୁ ହାତଉଧାରି କରିବାକୁ ପଡୁଛି। ବର୍ଷକରେ ଥରେ ଦୁଇଥର ପଲ୍ଲିଶ୍ରୀ ମେଳା ହେଉଛି। ତେବେ କରୋନା ସଂକ୍ରମଣ ପାଇଁ ତାହା ମଧ ଏବେ ବନ୍ଦ ରହିଛି। କେନ୍ଦ୍ର ସରକାରଙ୍କ କ୍ଲଷ୍ଟର ଯୋଜନା କାର୍ଯ୍ୟକାରୀ ହୋଇଥିଲେ ଏସବୁ ସମସ୍ୟାର ସମାଧାନ ହୋଇଥାନ୍ତା। ହେଲେ ତତ୍କାଳୀନ ମନ୍ତ୍ରୀ ଷଡଙ୍ଗୀଙ୍କ କ୍ଲଷ୍ଟର ନିର୍ମାଣ ଘୋଷଣା କେନ୍ଦ୍ରାପଡ଼ା ଜିଲା ପାଇଁ ଉପହାସ ସଦୃଶ୍ୟ ହୋଇଛି। ବାୟାବାବା ମହିଳା କତା ସମବାୟ ସମିତି ସମ୍ପାଦିକା ଶ୍ରୀମତୀ ନାୟକ କହିଛନ୍ତି, ନଡିଆକତାରେ ନିର୍ମିତ ସାମଗ୍ରୀ ପରିବେଶ ପାଇଁ ଅନୁକୂଳ। ଏହା ପ୍ଲାଷ୍ଟିକର ଚାହିଦା କମାଇବା ସହ ସମୟକ୍ରମେ ନଷ୍ଟ ହେବାରେ ଅସୁବିଧା ନାହିଁ। ସମିତି ସଦସ୍ୟାମାନେ ମ୍ୟାଟ୍, କାରପେଟ୍, କାନ୍ଧ ଝୁଲା, ଟୋପି, ବାସ୍କେଟ, ହାତପଙ୍ଖା, ଫୁଲଦାନୀ ଆଦି ସାମଗ୍ରୀ ସୁନ୍ଦର ଭାବେ ପ୍ରସ୍ତୁତ କରୁଛନ୍ତି। ତେବେ ଏସବୁ ସାମଗ୍ରୀ ବିକ୍ରି ପାଇଁ କୌଣସି ପ୍ରୋତ୍ସାହନ ନାହିଁ। ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ରାଜନେତାମାନେ କେନ୍ଦ୍ରାପଡ଼ା ଜିଲାବାସୀଙ୍କୁ ପ୍ରତିଶ୍ରୁତି ଦେଇ ଠକିବାର ବହୁ ନଜୀର ରହିଛି। ବରୁଣେଇ ବନ୍ଦର, ଥର୍ମାଲ ପ୍ଲାଣ୍ଟ, ଶିଳ୍ପ, କେନ୍ଦ୍ରାପଡ଼ା ସହରକୁ ଗୁରଗାଁଓ ପରି ଗଢ଼ି ତୋଳିବା, ଆଖଡାଶାଳୀ ବନ୍ଦରଠାରୁ ଆରମ୍ଭ କରି ଜଳ ପରିଚାଳନା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ବ୍ୟବସ୍ଥା, ଗମନାଗମନ, ଭିତରକନିକାକୁ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ କରିବା ଆଦି ବହୁ ପ୍ରତିଶ୍ରୁତି ମିଳିଛି। ହେଲେ ସେହି ପ୍ରତିଶ୍ରୁତିଗୁଡିକ କାର୍ଯ୍ୟକାରୀ ହେବା କେହି କେବେ ଦେଖିନାହାନ୍ତି। କର୍ମନିଯୁକ୍ତି ଏହି ଜିଲାରେ ଏକ ବଡ ସମସ୍ୟା ହୋଇଥିବା ବେଳେ ନିରାକରଣ ନ ଥିବାରୁ ଯୁବବର୍ଗ ଦାଦନ ଖଟିବାକୁ ଯାଉଛନ୍ତି। ନଡିଆ କତା ହସ୍ତଶିଳ୍ପ କ୍ଲଷ୍ଟର ହୋଇଥିଲେ ଜିଲାର ବହୁ ମହିଳା କାରିଗର ଆତ୍ମନିର୍ଭର ହୋଇ ପାରିଥାନ୍ତେ। ଦକ୍ଷତା ତାଲିମ ସହ ଶିଳ୍ପ ପାଇଁ ଭିତ୍ତିଭୂମି ମିଳିଥାନ୍ତା। ଏବେ କାଇଁଛ ସାମଗ୍ରୀ ଅନ୍‌ଲାଇନରେ ଉପଲବ୍ଧ ହେଉଛି। ସେହିପରି ନଡିଆ କତା ଶିଳ୍ପର ପୁନର୍ଜନ୍ମ ହୋଇଥାନ୍ତା। କିନ୍ତୁ ରାଜନେତା, ପ୍ରଶାସକଙ୍କ ସମନ୍ୱୟ ନ ଥିବାରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ତୃଣମୂଳସ୍ତରରେ ପହଞ୍ଚି ପାରୁ ନ ଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଶିଳ୍ପ କେନ୍ଦ୍ର ପରିଚାଳକ ଗଣେଶ ଚନ୍ଦ୍ର ବେହେରା କହିଛନ୍ତି, ଏ ନେଇ କୌଣସି ଅନୁଦାନ ଜିଲାକୁ ଆସିନାହିଁ। ତେବେ କ୍ଲଷ୍ଟର ଯୋଜନାର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ଗୋବିନ୍ଦପୁର ପଞ୍ଚାୟତର ବିପନ୍ନଙ୍କୁ ମିଳିନି ସହାୟତା

**ତିର୍ତ୍ତୋଲ, ୨୨।୯(ଡି.ଏନ.ଏ.)**

ଲଗାଣ ବର୍ଷା ଫଳରେ ତିର୍ତ୍ତୋଲ ବ୍ଲକର ଗୋବିନ୍ଦପୁର ପଞ୍ଚାୟତର ଉରାଢ, ସାମଲ ସାହି, ଗୋବିନ୍ଦପୁର ଗାଁରେ ୧୫ରୁ ଅଧିକ ମାଟି ଘର ଭାଙ୍ଗିଯାଇଛି। ଏହି ପରିବାର ପକ୍ଷରୁ ବିଡିଓଙ୍କ ନିକଟରେ ସହାୟତା ଲାଗି ଦାବି ହୋଇଥିଲା। ପଞ୍ଚାୟତର ବିଷ୍ଣୁ ସାମଲ, ପୁରୁଷୋତ୍ତମ ସାମଲ, ଦିଲୀପ ସାମଲ, ବିଷ୍ଣୁ ଚରଣ ରାଉତ, ଦୁଃଖିଶ୍ୟାମ ସାହୁ, ସନାତନ ସାହୁ, ବିଷ୍ଣୁ ମଲ୍ଲିକ, ଅଞ୍ଜଳି ମହାନ୍ତି, କାଦମ୍ବରୀ ସେଠୀଙ୍କ ସମେତ ଅନ୍ୟମାନେ ସହାୟତା ଲାଗି ଦାବି କରିଥିଲେ। ସପ୍ତାହେ ପରେ ବି ଏହି ପରିବାରକୁ ପଲିଥିନ୍ କିମ୍ବା ଅନ୍ୟ ସହାୟତା ମିଳିପାରିନାହିଁ। ଏପରିକି ବର୍ଷା ଯୋଗୁ ଗୃହଶୂନ୍ୟ ହୋଇ ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ନେଇଥିବା କାଦମ୍ବରୀଙ୍କୁ ସେଠାରୁ ବାହାର କରିଦେବା ପରେ ସେ ବାହାରେ ଆଶ୍ରୟ ନେଇଛନ୍ତି। ଏମାନଙ୍କୁ ତୁରନ୍ତ ପଲିଥିନ ଓ ଅନ୍ୟ ସହାୟତା ପ୍ରଦାନ ସହ ଆବାସ ଯୋଗାଇ ଦେବା ନିମନ୍ତେ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ଅଟଳ ବିହାରୀ ସ୍ୱାଇଁଙ୍କୁ ପଚାରିବାରେ କେତେକ ପରିବାରକୁ ଶୁଖିଲା ଖାଦ୍ୟ ଦିଆଯାଇଛି। ପଲିଥିନ ଦିଆଯିବା ଲାଗି ତହସିଲ ପକ୍ଷରୁ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

# ବିରୋଧ ଯୋଗୁ ଫେରିଲେ ଅଧିକାରୀ

**ରଘୁନାଥପୁର,୨୨।୯(ଡି.ଏନ.ଏ.)**

ରଘୁନାଥପୁର ତହସିଲର ଛପଡା ପଞ୍ଚାୟତ ଜଇପୁର ମହାନଦୀ ବାଲିଘାଟ ନିଲାମକୁ ନେଇ ବୁଧବାର ସ୍ଥାନୀୟ ଡାକବଙ୍ଗଳାରେ ପରିବେଶ ଜନିତ ଜନଶୁଣାଣି ଥିଲା। ତହସିଲ ପକ୍ଷରୁ ଅତି ତରବରିଆ ଭାବେ କରାଯାଉଥିବା ଜନଶୁଣାଣିକୁ ସ୍ଥାନୀୟ ଅଧିବାସୀ ବିରୋଧ କରିବା ସହ ଆସିଥିବା ଅଧିକାରୀଙ୍କୁ ଡାକବଙ୍ଗଳା ଭିତରକୁ ପ୍ରବେଶ ପୂରାଇ ଦେଇ ନ ଥିଲେ। ଗ୍ରାମବାସୀଙ୍କୁ ବୁଝାଶୁଝା କରିବାରେ ବିଫଳ ହେବାରୁ ଏଡିଏମ୍ ଚିନ୍ମୟୀ ବିଶ୍ୱାଳ, ତହସିଲଦାର ରୁପାଳିକା ଦାଶ ଓ ଅନ୍ୟ ଅଧିକାରୀମାନେ ବାଧ୍ୟ ହୋଇ ଜନଶୁଣାଣି ସ୍ଥଳରୁ ଫେରିଥିଲେ। ଆଇନ ଶୃଙ୍ଖଳା ରକ୍ଷା ପାଇଁ ଏସ୍‌ଡିପିଓ ଦୀପକ ରଞ୍ଜନ ଜେନା, ଆଇଆଇସି ଦେବେନ୍ଦ୍ର ମହାପାତ୍ର ଓ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ଶତାଧିକ ମହିଳାପୁରୁଷ ଗେଟ ସମ୍ମୁଖରେ ବସିରହି



ଡାକବଙ୍ଗଳା ଗେଟ୍ ସମ୍ମୁଖରେ ବସି ରହିଥିବା ଲୋକମାନେ।

#### ପରିବେଶଜନିତ ଜନଶୁଣାଣି

ବାଲି ନିଲାମ ନେଇଥିବା ବ୍ୟକ୍ତିଙ୍କୁ ପ୍ରଶାସନ ପକ୍ଷରୁ ସୁହାଇଲା ଭଳି ଉଦ୍ୟମ କରାଯାଉଛି ବୋଲି ଅଭିଯୋଗ କରିଥିଲେ। ଜନଶୁଣାଣି ସମ୍ପର୍କରେ ୭ ଦିନ ପୂର୍ବରୁ ନୋଟିସ୍ କରାଗଲା ନାହିଁ କାହିଁକି ବୋଲି ସେମାନେ ଅଡି ବସିଥିଲେ। ଦୀର୍ଘଦିନ ଧରି ସ୍ଥାନୀୟ ଶ୍ରମିକ ସଙ୍ଗଠନ ବାଲି ନିଲାମ ଆଣିଥାଏ। ଶତାଧିକ ଶ୍ରମିକ ଏହାକୁ ଜୀବିକା କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏ ବର୍ଷ ଅଧିକ ମୂଲ୍ୟରେ ଜଣେ ବ୍ୟକ୍ତି ନିଲାମ ଧରିବା ଦ୍ୱାରା ଶ୍ରମିକମାନେ ଜୀବିକା ହରାଇବେ। ବାଲି ଉତ୍ତୋଳନ ହେଉଥିବା ସ୍ଥାନରେ ମହାନଦୀ ଉପରେ ଏକ ବ୍ରିଜ ନିର୍ମାଣ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ନଦୀବନ୍ଧ ଓ ପଠାର ସୁରକ୍ଷା ଦୃଷ୍ଟିରୁ, ଉକ୍ତ ସ୍ଥାନରୁ ବାଲି ନ ଉଠାଇବାକୁ ଲୋକମାନେ ଦାବି କରିଥିଲେ।

### କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବି

**ଯାଜପୁର ଟାଉନ,୨୨।୯(ଡି.ଏନ.ଏ.)**

ବୈତରଣୀ, କାଣୀ, ଗେଙ୍ଗୁଟି, ବୁଢ଼ା, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରେ ବନ୍ୟା ଆସିବାରୁ ଯାଜପୁର ଓ ଦଶରଥପୁର ବ୍ଲକ୍‌ର ଧାନ ଏବଂ ପରିବା ଚାଷ ନଷ୍ଟ ହୋଇଛି। ଫଳରେ ଚାଷୀ ସମବାୟ ଋଣ ଓ ଧାର ଉଧାର କିପରି ଶୁଝିବେ ସେଥିପାଇଁ ମୁଣ୍ଡରେ ହାତଦେଇ ବସିଛନ୍ତି। ବୈତରଣୀ ଓ କାଣୀ ନଦୀବନ୍ଧରେ ଘଳିଆ ଏବଂ ଘାଇ ଯୋଗୁ ଶହଶହ ଏକର ଧାନଚାଷ ନଷ୍ଟ ହୋଇଯାଇଛି। ଚାଷୀଙ୍କୁ ଶସ୍ୟବୀମା ଅର୍ଥ କୃଷି ଓ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ମିଳିପାରିନାହିଁ। ତେଣୁ ରାଜ୍ୟ ସରକାର ସବୁ ବିଭାଗ ସହ ସମନ୍ୱୟ ରକ୍ଷା କରି ଚାଷୀ ଓ ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ସହାୟତା ପ୍ରଦାନ କରିବାକୁ ପିସିସି ସମ୍ପାଦକ ସନ୍ତୋଷ ନନ୍ଦ, ସାଧାରଣ ସମ୍ପାଦକ ହୃଷୀକେଶ ପତି, ବିଭୂତି ମହାପାତ୍ର, ଦୁର୍ଯ୍ୟୋଧନ ବେହେରା, ଶ୍ୟାମସୁନ୍ଦର କର, ପ୍ରତିମା କର, ନାରାୟଣ ସାମନ୍ତ, ନିକୁଞ୍ଜ ସାମଲ, ଅବଦୁଲ ସଲିମ ଖାଁ ଓ ବିଜୟ ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।

# ଇଲିଶ ଶସ୍ତା ଲୋଭରେ ଗ୍ରାହକ ହୀନସ୍ତା

**ପାରାଦୀପ, ୨୨।୯(ସ୍ୱ.ପ୍ର.)**



ସପ୍ତାହେ ହେଲା ଇଲିଶ ମାଛ ଉତ୍ପାଦନ କିଛି ମାତ୍ରାରେ ହେଉଛି। ଗୋଟିଏ ଛୋଟ ବୋଟ ଫିଶିଂ ବେଳେ ୧୦ ରୁ ୫୦ କେଜି ମଧ୍ୟରେ ଇଲିଶ ଧରୁଛନ୍ତି। ଫଳରେ ପାରାଦୀପର ଅଠରବାଙ୍କି ବାଲିପ୍ଲଟ ମାଛ ବଜାରରେ ଏବେ ଇଲିଶ ଦେଖିବାକୁ ମିଳିଛି। ଶସ୍ତାରେ ଇଲିଶ କିଣିବାକୁ ଯାଇ ବୁଧବାର ବାଲିପ୍ଲଟରେ ଗ୍ରାହକମାନେ ହୀନସ୍ତା ହୋଇ ଫେରିଛନ୍ତି। ସେଠାରେ ଇଲିଶ ପୂର୍ବଭଳି ଉଚ୍ଚା ମୂଲ୍ୟ ଥିବା ଦେଖିବାକୁ ମିଳିଥିଲା। ଯୋଡା ଇଲିଶ ମୂଲ୍ୟ ୩୦୦ ଟଙ୍କା ରହିଛି। ଦୁଇଟି ଯାକ ମାଛର ଓଜନ ୫୦୦ରୁ ୫୫୦ ଗ୍ରାମ ଥିଲା ବୋଲି ଗ୍ରାହକ ସୌମେନ୍ଦ୍ର ବାରିକ କୁହନ୍ତି। ୫୦୦ ଗ୍ରାମ ଓଜନ ଥିବା ମାଛର କେଜି ଥିଲା ୮୦୦ ଟଙ୍କା। ୧ କେଜିରୁ ଊର୍ଦ୍ଧ୍ୱ ଇଲିଶର ମୂଲ୍ୟ ୧୨୦୦ରୁ ୧୮୦୦ ଟଙ୍କା ଥିଲା। ଏଭଳି ଉଚ୍ଚା ମୂଲ୍ୟ ଦେଖି କେତେଜଣ ଗ୍ରାହକ ଅଳ୍ପ କିଣିଥିବା ବେଳେ ଅନ୍ୟମାନେ ଅଧିକ ମୂଲ୍ୟ ଦେଖି ଫେରି ଆସିଥିଲେ। ମାଛଗଦି ବ୍ୟବସାୟୀ ଟି.ଭି. ରାମଣା କୁହନ୍ତି, ଯେତିକି ମାଛ ଉତ୍ପାଦନ ହେଉଛି ସେଥିରୁ ସିଂହଭାଗ ବଡ ବେପାରୀ ନେଇ ଯାଉଛନ୍ତି। ଅବଶିଷ୍ଟ ଇଲିଶ ଏଠାରେ ନିଅଣ୍ଟ ହେଉଥିବାରୁ ମୂଲ୍ୟ ଉଚ୍ଚା ରହିଛି। ଆଶା ଅଛି ଆସନ୍ତା ସପ୍ତାହ ମଧ୍ୟରେ ଅଧିକ ମାଛ ଉତ୍ପାଦନ ହେବ। ଅଧିକ ମାଛ ବଜାରକୁ ଆସିଲେ କିଛି ମାତ୍ରାରେ ମୂଲ୍ୟ ହ୍ରାସ ପାଇବ।

# ବଳାତ୍କାର ଘଟଣାରେ ସମ୍ପୃକ୍ତ ୫ ଅଭିଯୁକ୍ତ ଗିରଫ

**କେନ୍ଦ୍ରାପଡ଼ା ଅଫିସ, ୨୨।୯**

କେନ୍ଦ୍ରାପଡ଼ା ଟାଉନ ଥାନା ପୋଲିସ ୫ ବଳାତ୍କାର ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ପଟ୍ଟାମୁଣ୍ଡାଇ ଥାନା ଚାହାପଡ଼ା ଗାଁର ରାକେଶ ମଲ୍ଲିକ, ସଦର ଥାନା ଅଞ୍ଚଳର ସୁଶାନ୍ତ ମଲ୍ଲିକ, ସହଯୋଗୀ ଗାୟତ୍ରୀ ମହାନ୍ତି, ପାରାଦୀପ ଲକ୍ ଥାନା ବିଜୟଚାନ୍ଦ୍ରପୁରର ବୃନ୍ଦାବନ ମନ୍ତ୍ରୀ ଓ ନିଶ୍ଚିନ୍ତକୋଇଲି ଶୁକରପଡା ଗାଁର ଗୁଣନିଧି ମଲ୍ଲିକ। ଗୁଣନିଧି କରୋନାରେ ଅସୁସ୍ଥ ଥିବାରୁ ତାଙ୍କୁ ଛତା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀ ସୂଚନା ଦେଇଛନ୍ତି ।

ଏସ୍‌ଡିପିଓ ପଣ୍ଡା କହିଛନ୍ତି, ଟାଉନ ଥାନା କେସ୍ ନଂ. ୧୩୫/୧୭ର ଅଭିଯୁକ୍ତ ରାକେଶଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇଛି। ସେ ସହରର ତିନିମୁହାଣୀ ଛକରୁ ଜଣେ ମହିଳାଙ୍କୁ ଉଠାଇ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। କେସ୍ ନଂ. ୧୭୨/୧୮ରେ ସୁଶାନ୍ତ ଓ ତାଙ୍କ ସହଯୋଗୀ ଗାୟତ୍ରୀଙ୍କୁ ଗିରଫ ହୋଇଛନ୍ତି। ଟାଉନ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଫସାଇ ସୁଶାନ୍ତ ନେଇ ଯାଇଥିଲେ। ଏହି ସୁଯୋଗରେ ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ତାଙ୍କୁ ବଳାତ୍କାର କରିଥିଲେ। ଏହି ଅପହରଣରେ ଗାୟତ୍ରୀ ସହଯୋଗ କରିଥିଲେ। ନଂ. ୧୦୯/ ୧୮ ମାମଲାରେ ବୃନ୍ଦାବନ ସହରର ସାନମଙ୍ଗଳା ଗାଁର ଜଣେ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ଥିଲା। ସେହିପରି କେସ ନଂ. ୧୦୫/୧୯ର ଅନୁଯାୟୀ ଶୁକରପଡ଼ାର ଗୁଣନିଧି ଶ୍ୱଶୁର ଘର ସହର ଚକଡାଠାରେ ରହୁଥିବା ବେଳେ ସେ ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରିଥିଲେ। ଅଭିଯୁକ୍ତମାନେ ବହୁଦିନ ଧରି ଫେରାର ଥିଲେ। କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ, ଏସ୍‌ପି ମଡ଼କର ସନ୍ଦିପ ସମ୍ପଦଙ୍କ ନିର୍ଦ୍ଦେଶକ୍ରମେ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ୪ଟି ଟିମ୍ ଗଠନ ହୋଇଥିଲା। ସମ୍ମିଳନୀରେ ଆଇଆଇସି ସୁମନ୍ତ କିଶାନ, ଏସ୍‌ଆଇ ପ୍ରଜ୍ଞାଶ୍ରୀ ନାୟକ, ଏସ୍‌ଆଇ କାଦମ୍ବିନୀ ପରିଡ଼ା ସାମିଲ ହୋଇଥିଲେ।

# ଜିଲାପାଳଙ୍କ ବହିଷ୍କାର ଦାବିରେ ସମାବେଶ

**କୁଜଙ୍ଗ,୨୨।୯ (ଡି.ଏନ.ଏ.)**

ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଗାଁରେ ଶତାଧିକ ଲୋକ ଏକତ୍ରିତ ହୋଇ ବୁଧବାର ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ବହିଷ୍କାର ଦାବି କରିଛନ୍ତି। ଚାଷୀଙ୍କୁ ଦୁର୍ବ୍ୟବହାର, ସନାତନ ଧର୍ମ ଓ ମା'ଙ୍କୁ ଅସମ୍ମାନ ପ୍ରଦର୍ଶନ କରୁଥିବା ଅଭିଯୋଗ କରି ଢିଙ୍କିଆ ପଞ୍ଚାୟତବାସୀ ଫୁଲଖାଇ ମନ୍ଦିର ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରାରେ ବାହାରି ପ୍ରାଥମିକ ବିଦ୍ୟାଳୟ ପରସରରେ ପହଞ୍ଚି ପ୍ରତିବାଦ ସଭା କରିଥିଲେ। ଜିଲାପାଳ ଚାଷୀଙ୍କୁ ଦୁର୍ବ୍ୟବହାର ଓ ଚନ୍ଦନ ଟୋପା ବ୍ୟବହାରକୁ ଘୃଣ୍ୟ ଚକ୍ଷୁରେ ଦେଖିଥିବାରୁ ସମସ୍ତ ବିକ୍ଷୋଭକାରୀ ଚନ୍ଦନ ଟୋପା ବ୍ୟବହାର କରି ଯାଇଥିଲେ। ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗ୍ରାମ୍ୟ କମିଟି ସଭାପତି ମୁରଲୀଧର ସାହୁ, ସମିତି ସଭ୍ୟ ଦେବେନ୍ଦ୍ର ସ୍ୱାଇଁ, ମମତା ନାୟକ, ଶାନ୍ତି ସେଠୀ, ଅନୁପମା ବିଶ୍ୱାଳ ଓ ଶାନ୍ତି ଦାସ ପ୍ରମୁଖ ତାଙ୍କ ବକ୍ତବ୍ୟରେ ଜିଲାପାଳ ଜଣେ ପ୍ରଶାସନିକ ଅଧିକାରୀ ରୂପେ ବ୍ୟବହାର କରୁ ନ ଥିବାରୁ ସରକାର ତାଙ୍କୁ ତାଙ୍କ ପଦରୁ ତୁରନ୍ତ ହଟାଇବାକୁ ଦାବି କରିଛନ୍ତି।



ଜଣେ ବ୍ୟକ୍ତିଙ୍କୁ ଚନ୍ଦନ ଟିକା ଦିଆଯାଉଛି।

# ବୁଡ଼ି ଅଞ୍ଚଳର ଲୋକ ଥାନାର ଦ୍ୱାରସ୍ଥ



ପାଣି ପଥ ଅବରୋଧ ଖୋଲିବାକୁ ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀ।

**ଏରସମା,୨୨।୯(ସ୍ୱ.ପ୍ର.)**

#### ଜାଲ ବସାଇ ଜଳପଥ ଅବରୋଧକୁ ବିରୋଧ

ଏରସମା ଥାନା ପଲିକଣ୍ଡା ପଞ୍ଚାୟତସ୍ଥିତ କାଣୀ ନଦୀରେ ଜାଲ ବସାଇ କେତେଜଣ ବ୍ୟକ୍ତି ଜଳପଥ ଅବରୋଧ କରିଛନ୍ତି। ଏ ନେଇ ବୁଧବାର ବୁଡି ଅଞ୍ଚଳର ଲୋକ ଏରସମା ଥାନା, ତହସିଲଦାରଙ୍କୁ ଅଭିଯୋଗ କରିଛନ୍ତି। ତୁରନ୍ତ ଜାଲ ହଟାଇ ଲୋକଙ୍କ ଧାନ ଚାଷ ଓ ଘରକୁ ସୁରକ୍ଷିତ ରଖିବାକୁ ଦାବି କରିଛନ୍ତି। ନଚେତ ବାଧ ହୋଇ ସେମାନେ ତହସିଲ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

କଟିଜଙ୍ଗା ଗାଁରୁ ଭାରଙ୍ଗ ଓ ସୁନ୍ଦରକଣୀ ଗାଁ ଦେଇ କାଣୀ ନଦୀ ପ୍ରବାହିତ ହେଉଛି। ଉଦ୍‌ବୃତ ପାଣି ନିଷ୍କାସନ ପାଇଁ ପୋଲ ନିର୍ମାଣ କରାଯାଇଛି। ବର୍ଷାରେ କଟିଜଙ୍ଗା, ଭାରଙ୍ଗ ଓ ସୁନ୍ଦରକଣୀ ଗାଁର ଚାଷଜମି ବୁଡିଯାଇଛି। କେତେଜଣଙ୍କ ଘରେ ପାଣି ପଶି ଯିବାରୁ ମାଟି କାନ୍ଥ ପଡି ଗଲାଣି। ମାତ୍ର କେତେଜଣ ବ୍ୟକ୍ତି କଟିଜଙ୍ଗା ପୋଲରେ ବାଉଁଶ ପୋତି ଜାଲ ବସାଇ ମାଛ ଧରୁଛନ୍ତି। ଫଳରେ ନଦୀରୁ ଜଳ ନିଷ୍କାସନ ହୋଇପାରୁନାହିଁ। ଗ୍ରାମବାସୀ ବାରଣ କରିବାରୁ ସେମାନଙ୍କ କଥାକୁ ମାଛ ଧରୁଥିବା ଲୋକେ ଶୁଣୁ ନାହାନ୍ତି। ଗ୍ରାମବାସୀଙ୍କୁ ସେମାନେ ବିଭିନ୍ନ ଧମକ ଦେଉଛନ୍ତି। ଗାଁର ଉଲ୍ଲାସ ଦାସ, ସନ୍ତୋଷ ମଲ୍ଲିକ, ଧୀରେନ୍ଦ୍ର ଭୋଇ, ଗୌରାଙ୍ଗ ଦାସ, ମାୟାଧର ବିଶ୍ୱାଳ, ନୃସିଂହ ମଲ୍ଲିକ, ରବୀନ୍ଦ୍ର ମଲ୍ଲିକ ପ୍ରମୁଖ ଶତାଧିକ ବୁଡି ଅଞ୍ଚଳର ଲୋକ ଥାନାର ଦ୍ୱାରସ୍ଥ ହେବା ସହ ତହସିଲରେ ଅଭିଯୋଗ କରିଛନ୍ତି।

# ଭିନ୍ନକ୍ଷମଙ୍କୁ ସହାୟତାର ହାତ ବଢ଼ାଅ

**ଜଗତ୍‌ସିଂହପୁର ଅଫିସ, ୨୨।୯**

ଭିନ୍ନକ୍ଷମଙ୍କୁ ଯେପରି ସମସ୍ତ ସୁବିଧା ସୁଯୋଗ ମିଳିପାରିବ ସେନେଇ ଜଗତ୍‌ସିଂହପୁର ଜିଲା ପ୍ରଶାସନ ଦାୟିତ୍ୱବାନ ଅଛି। ଭିନ୍ନକ୍ଷମମାନେ କାହାଠାରୁ କମ୍ ନୁହନ୍ତି। ସେମାନେ ମଧ ଏ ସମାଜରେ ସାଧାରଣ ଲୋକଙ୍କ ଭଳି ବଞ୍ଚିବାର ଅଧିକାର ଅଛି। ଭିନ୍ନକ୍ଷମମାନେ ନିକଟରେ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। କେବଳ ଆମ୍ଭେମାନେ କିଛି ସାହାର୍ଯ୍ୟର ହାତ ବଢାଇଲେ ସେମାନେ ଆଗକୁ ବଢିବାରେ ବିଶେଷ ସହାୟକ ହେବ। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଭିନ୍ନକ୍ଷମଙ୍କ ଅଧିକାର, ଅଧିନିୟମ ଏବଂ ବିଭିନ୍ନ ଯୋଜନା ସମ୍ବନ୍ଧରେ ଅନୁଷ୍ଠିତ ସଚେତନତା ଶିବିରରେ ରାଜ୍ୟ ଭିନ୍ନକ୍ଷମ ଆୟୋଗ ଅଧକ୍ଷା ସୁଲୋଚନା ଦାସ ଏହା କହିଛନ୍ତି। ଜଗତ୍‌ସିଂହପୁର ଜିଲାରେ ଭିନ୍ନକ୍ଷମଙ୍କୁ କିଭଳି ସରକାରୀ ସୁବିଧା, ସୁଯୋଗ ମିଳୁଛି ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଜିଲା ପ୍ରଶାସନ ପକ୍ଷରୁ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯାଉଛି ତା ଉପରେ ଦାସ ସମୀକ୍ଷା କରିଥିଲେ।



ଭିନ୍ନକ୍ଷମ ଆୟୁକ୍ତ ଜଣେ ବ୍ୟକ୍ତିଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

ଶିବିରରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଥିଲେ, ଭିନ୍ନକ୍ଷମଙ୍କୁ ଚିହ୍ନଟ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ସପ୍ତାହରେ ଥରେ ମେଡିକାଲ ବୋର୍ଡ ବସୁଛି ଓ ପ୍ରମାଣପତ୍ର ଦିଆଯାଉଛି। ସେମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନାରେ ପେନସନ୍, ସ୍କଲାରସିପ୍, ରାଶନ କାର୍ଡ, ଭତ୍ତା ସମ୍ପର୍କରେ ପ୍ରତି ସପ୍ତାହରେ ସମୀକ୍ଷା ହେଉଛି। ଏସିଡ୍ ଭିକ୍ଟିମ୍ ପ୍ରମୋଦିନୀ ରାଉଳଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଉଛି। ତାଙ୍କୁ ମାଡ୍ରାସ ଯିବା ଆସିବାକୁ ଯାତାୟାତ ଓ ରହିବା ଖର୍ଚ୍ଚ ଦିଆଯାଇଛି। ଜିଲାରେ ୨୦୨୧-୨୨ ଆର୍ଥିକ ବର୍ଷରେ ୧୩୭୧ ଜଣଙ୍କୁ ଇନ୍ଦିରା ଗାନ୍ଧୀ ଜାତୀୟ ଭତ୍ତା ପ୍ରଦାନ କରାଯାଇଛି। ସେହିଭଳି ୪୦,୬୫୩ ଜଣଙ୍କୁ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ୧୦,୯୨୯ ଜଣଙ୍କୁ ବିଧବା ଭତ୍ତା ପ୍ରଦାନ ଓ ୭୫,୯୯୬ ଜଣଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଜାତୀୟ ଫାମିଲ ବେନିଫିଟ୍ ଯୋଜନାରେ ୯୧ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଛି। ୨୦୨୦-୨୧ ଓ ୨୦୨୧-୨୨ ଆର୍ଥିକ ବର୍ଷରେ ୩୯ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ବୃତ୍ତି ଦିଆଯାଇଛି। ୪୯ ଜଣ ଭିନ୍ନକ୍ଷମ ଓ ସାଧାରଣ ଦମ୍ପତିଙ୍କୁ ୫୦,୦୦୦ ଲେଖାଏ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ୧୩ ଜଣ ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫୦ ହଜାର ଲେଖା ରିଭଲଭିଂ ଫଣ୍ଡ ପ୍ରଦାନ କରାଯାଇଛି। ଜିଲାରେ ୬୧ ଜଣ ଭିକ୍ଷୁକ ଓ ୧୧୯ ଜଣ କୁଷ୍ଠରୋଗୀଙ୍କୁ ଚିହ୍ନଟ କରାଯାଇ ସହାୟତା ରାଶି ଓ ଲେପ୍ରସି କିଟ୍ ଯୋଗାଇ ଦିଆଯାଇଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ସିଡିଏମ୍‌ଓ, ଜିଲାସ୍ତରୀୟ ଅଧିକାରୀ ଓ ଭିନ୍ନକ୍ଷମମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଭିନ୍ନକ୍ଷମଙ୍କୁ ପରିଚୟପତ୍ର, ଦୃଷ୍ଟିବାଧିତଙ୍କୁ ଆଶାବାଡି, ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଶେଷରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ମୋହନ ଦାସ ଧନ୍ୟବାଦ ଦେଇଥିଲେ।

#### ଭିନ୍ନକ୍ଷମ ଆୟୁକ୍ତଙ୍କ ଜଗତ୍‌ସିଂହପୁର ଗସ୍ତ

## ସଂକ୍ଷେପରେ

### ଜେଲ ଗଲେ ୨ ଚୋର

**ନୟାଗଡ଼ ଅଫିସ/ଦଶପଲ୍ଲା, ୨୨।୯ (ଡି.ଏନ୍.ଏ.):** ଦଶପଲ୍ଲା ଥାନା ଅଧୀନ ରଥଗାଁରେ ଚୋରି କରିବା ଅଭିଯୋଗରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ରଥଗାଁର ସାଧୁ ମହାକୁଡ଼ ଓ ଚକାପାଦୁ ଗାଁର ଜଗଦୀଶ ମଲ୍ଲିକଙ୍କୁ ଦଶପଲ୍ଲା ସବ୍‌ଜେଲକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ ଗତ ମଙ୍ଗଳବାର ରାତିରେ ରଥଗାଁର ପଞ୍ଚାନନ ପ୍ରଧାନଙ୍କ ଘରୁ ଚୋରି କରିବାକୁ ଉପରୋକ୍ତ ୨ ଚୋର ଯାଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ ।

### ଅନ୍‌ଲାଇନରେ ଟ୍ରାକ୍ଟର କିଣାରେ ଠକେଇ

**ନୟାଗଡ଼ ଅଫିସ/ଦଶପଲ୍ଲା, ୨୨।୯ (ଡି.ଏନ୍.ଏ.):** ଅନ୍‌ଲାଇନରେ ଟ୍ରାକ୍ଟର କିଣି ଦଶପଲ୍ଲା ଥାନା ଅଧୀନ ମଧୁପୁର ଗାଁର ବ୍ରଜବନ୍ଧୁ ପ୍ରଧାନ ଠକେଇର ଶିକାର ହୋଇଛନ୍ତି । ସେ ଟ୍ରାକ୍ଟର ନ ପାଇ ୨ଲକ୍ଷ ୫୩ ହଜାର ଟଙ୍କା ହରାଇଛନ୍ତି । ଏନେଇ ବ୍ରଜବନ୍ଧୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୫୬/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ବାଇକ୍ ଡିକି ଭାଙ୍ଗି ୯୯ ହଜାର ଲୁଟ୍

**ନୟାଗଡ଼ ଅଫିସ,୨୨।୯:** ଫତେଗଡ଼ ଥାନା ଭାପୁର ବଜାରରେ ବୁଧବାର ବାଇକ୍ ଡିକି ଭାଙ୍ଗି ୯୯ ହଜାର ୫୦୦ ଟଙ୍କା ଲୁଟ୍ ହୋଇଛି । ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୭୭/୨୧) ରୁଜୁ କରି ତଦନ୍ତ କରୁଛି । ଅଭିଯୋଗ ଅନୁସାରେ ଟିକରପଡ଼ା ଗାଁର ଗୋବିନ୍ଦ ଚନ୍ଦ୍ର ପରିଡ଼ା ଭାପୁର ବ୍ୟାଙ୍କରୁ ବୁଧବାର ମଧ୍ୟାହ୍ନରେ ୯୯ ହଜାର ୫୦୦ ଟଙ୍କା ଉଠାଣ କରି ବାଇକ୍ ଡିକିରେ ରଖିଥିଲେ। ରାସ୍ତାରେ ବାଇକ୍ ରଖି ଔଷଧ କିଣୁଥିବାବେଳେ ଡିକି ଭାଙ୍ଗି କେହି ତାଙ୍କ ଟଙ୍କା ନେଇ ଯାଇଥିଲେ ।

### ଗାଁ ସାଥୀଙ୍କ ବିୟୋଗରେ ସ୍ମୃତିସଭା

**ଖଣ୍ଡପଡ଼ା,୨୨।୯(ସ୍ୱ.ପ୍ର.):** କଣ୍ଟିଲୋ ପଞ୍ଚାୟତର ଗାଁସାଥୀ ଭାବେ ପରିଚିତ ତଥା ଯାତ୍ରାପଦା ଉପର ବଜାର ବ୍ୟବସାୟୀ ସଂଘର ସଦସ୍ୟା ଜୟନ୍ତୀ ବେହେରା(୪୮)ଙ୍କ ପରଲୋକ ହୋଇଯାଇଛି । ତାଙ୍କୁ ସମ୍ମାନ ଜଣାଇ ସ୍ଥାନୀୟ ଯାତ୍ରାପଦା ଉପର ବଜାର ବୁଧବାର ବନ୍ଦ ରହିଥିବା ବେଳେ ଅପରାହ୍ନରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଯାତ୍ରାପଦା ବଜାର ବ୍ୟବସାୟୀ ସଂଘର ସଭାପତି ଅଞ୍ଜନ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବେହେରାଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯିବା ସହ ସ୍ମୃତି ଚାରଣ କରାଯାଇଥିଲା ।

# କାମ୍ପା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦କୋଟି ଦୁର୍ନୀତି

- ଜିଲା ପରିଷଦ ବୈଠକରେ ଉଦ୍‌ବେଗ
- ତଦନ୍ତ କରିବେ ୫ ଜଣିଆ କମିଟି
- ଖବରଦାତାଙ୍କୁ ବୈଠକକୁ ଡାକିବା ପାଇଁ ପ୍ରସ୍ତାବ ଗୃହୀତ
- କୃଷି ବିଭାଗକୁ କାରଣଦର୍ଶାଅ ନୋଟିସ୍



ନୟାଗଡ଼ ଜିଲା ପରିଷଦ ଅଧିବେଶନରେ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି ଅଧ୍ୟକ୍ଷତା କରୁଛନ୍ତି।

**ନୟାଗଡ଼ ଅଫିସ,୨୨।୯**

ନୟାଗଡ଼ ଜିଲା ପରିଷଦର ୧୦ମ ସାଧାରଣ ଅଧିବେଶନ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଭାଗୃହ ସୃଜନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶନରେ ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ପ୍ରମୁଖ ଯୋଗ ଦେଇଥିଲେ। କାମ୍ପା ଓ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅନେକ କୋଟି ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ ଉଠିଥିଲା। ୨୦୨୦-୨୧ ଆର୍ଥିକ ବର୍ଷରେ କୋଭିଡ୍ ସମୟରେ ୨୨ କୋଟି ଟଙ୍କା ଏମ୍‌ଜିଏନଆରଇଜିଏସ୍‌ରେ ନୟାଗଡ ବନଖଣ୍ଡ ପାଇଁ ମଞ୍ଜୁର ହୋଇଛି। ଏଥିରୁ ପ୍ରାୟ ୯ କୋଟି ଖର୍ଚ୍ଚ ହୋଇଛି । ସେହିପରି କାମ୍ପାରେ ଆସିଥିବା ୧୬ କୋଟି ଖର୍ଚ୍ଚ ହୋଇ ସାରିଛି । ଉଭୟ ଯୋଜନାରେ ୨୫ କୋଟି ଟଙ୍କାରୁ ମାତ୍ର ୫କୋଟି ଖର୍ଚ୍ଚ କରାଯାଇ ବାକି ୨୦କୋଟି ଫଲସ ବିଲ୍ ମାଧ୍ୟମରେ ଆତ୍ମସାତ୍ କରାଯାଇଛି ବୋଲି ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ସଭ୍ୟମାନଙ୍କ ଅଭିଯୋଗ ସଂକ୍ରାନ୍ତରେ ଉପସ୍ଥିତ ବନବିଭାଗ ଅଧିକାରୀ କୌଣସି ଉତ୍ତର ଦେଇ ନ ପାରି ହଟହଟା ହୋଇଥିଲା । କେତେଜଣ ସଭ୍ୟ କହିଥିଲେ ଅଫିସର ଦୁର୍ନୀତି କରି ବଦଳି ହୋଇ ଚାଲିଗଲେ। ଏହାର ତଦନ୍ତ କରିବା ପାଇଁ କମିଟି ଗଠନ କରିବାକୁ ପ୍ରସ୍ତାବ ଆଗତ କରିଥିଲେ। ସଭ୍ୟମାନଙ୍କ ଉଦ୍‌ବେଗକୁ ଲକ୍ଷ୍ୟ କରି ଏକ ୫ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟି ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜରୁ ପ୍ରଥମେ ଦୁର୍ନୀତିର ତଦନ୍ତ ଆରମ୍ଭ କରିବ। ପରେ ନୟାଗଡ଼ ବନଖଣ୍ଡର ବିଭିନ୍ନ ରେଞ୍ଜରେ ତଦନ୍ତ ହେବ । ଜିଲାରେ ସାର ଦୁର୍ନୀତି ହେଲା । ଚାଷୀ ସାର କଳାବଜାରରେ କିଣିଲା। ସମବାୟ ସମିତିରୁ ଚାଷୀ ସାର ପାଇଲା ନାହିଁ। ହେଲେ କୃଷି ବିଭାଗର କୌଣସି ଅଧିକାରୀ ଗୃହରେ ଉପସ୍ଥିତ ନ ଥିଲେ। ଏଣୁ କୃଷି ବିଭାଗକୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି । ଅନ୍ୟପକ୍ଷେ ଜିଲାର କୌଣସି ସରକାରୀ ବୈଠକକୁ ଖବରଦାତାଙ୍କୁ ଡକାଯାଉନାହିଁ। ଯଦି କେହି ଆସୁଛନ୍ତି ତାଙ୍କୁ ବ୍ୟବହାର ଖରାପ ଦେଖାଯାଇ ତଡି ଦିଆଯାଉଛି । ଏନେଇ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରି ଜିଲା ପ୍ରତିନିଧିମାନଙ୍କୁ ସରକାରୀ ବୈଠକକୁ ଡାକିବାକୁ ଗୃହରେ ପ୍ରସ୍ତାବ ଆଗତ କରିଥିଲେ । ଏହି ପ୍ରସ୍ତାବ ଗୃହୀତ ହୋଇଛି। ସେହିପରି ରାଜ୍ୟ ପଞ୍ଚମ ଅର୍ଥ କମିଶନଙ୍କ ସୁପାରିଶ ଆଧାରରେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଦ୍ୱାରା ଜିଲା ପରିଷଦକୁ ପ୍ରାପ୍ତ ହୋଇଥିବା ବିଭିନ୍ନ ଅର୍ଥର ବିନିଯୋଗ କରିବାକୁ ବିଡିଓ ପ୍ରୋଜେକ୍ଟ ଲିଷ୍ଟ ଦେବାରେ ଅବହେଳା କରୁଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା । ନୟାଗଡ଼ ଓ ଓଡ଼ଗାଁ ବିଡିଓଙ୍କୁ ଛାଡିଦେଲେ ଅନ୍ୟମାନେ ତୁରନ୍ତ ଦେବାକୁ ନିର୍ଦ୍ଦେଶ ରହିଛି ।

ଶରଣକୁଳ ବାଇପାସ କଟରାଝରୀ ବନ୍ଧ ମଝିରୁ ନରେନ୍ଦ୍ରପୁର ବାଡିତଳେ ବାଉଁଶିଆ ଦେଇ ଦେଇ ଶିଖରପୁର ଆଞ୍ଚାଚଉରା ଦେଇ ବାହାରିବ । ସେଠାରୁ ଶିଖରପୁର ଗହୀର ଦେଇ କରଡା ଶାସନ ଗାଁ ମୁଣ୍ଡେ ବାହାରି ଓଡଗାଁ ରାସ୍ତାରେ ସଂଯୋଗ ହେବ ବୋଲି ମଞ୍ଜୁରୀ ମିଳିଥିବ ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଥିଲା । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କଯୋଜନା କଣ୍ଟିଲୋରୁ ଦହିଖାଇ ଭାୟା ପଥରଦ୍ୱାର ଦେଇ ତେନ୍ତୁଳିଆପଲ୍ଲି ପର୍ଯ୍ୟନ୍ତ ଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏନେଇ ଏମ୍‌ପିଙ୍କର ମଧ୍ୟ ୧ନଂ. ପ୍ରସ୍ତାବ ଥିଲା। ଏନେଇ ଜିଲା ପରିଷଦରେ ମଞ୍ଜୁର ହୋଇଥିଲେ ମଧ୍ୟ ଟେଣ୍ଡର କରା ନ ଯିବା ସମ୍ପର୍କରେ ସଭ୍ୟ ରମେଶ୍ୱର ଶତପଥିଙ୍କ ପ୍ରଶ୍ନର ଉତ୍ତର ଆରଡି ଅଧିକାରୀ ଦେଇ ନ ପାରି ଅପଦସ୍ତ ହୋଇଥିଲେ । ପରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗର ବିଭିନ୍ନ କାର୍ଯ୍ୟ ଆଲୋଚନା କରାଯାଇ ନଳକୂଅଗୁଡ଼ିକର ତୁରନ୍ତ ମରାମତି ଏବଂ ପାଇପ୍ ଲାଇନ ଦ୍ୱାରା ପାନୀୟ ଜଳ ଯୋଗାଣକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଶେଷକରି କଣ୍ଟିଲୋ ଓ ଖଣ୍ଡପଡ଼ା ଅଞ୍ଚଳରେ ପାନୀୟ ଜଳର ସୁବନ୍ଦୋବସ୍ତ କରାଯିବା ପାଇଁ ସଂପୃକ୍ତ ଅଧିକାରୀଙ୍କୁ କୁହାଯାଇଛି। ସଭ୍ୟ ରାମେଶ୍ୱର ଶତପଥୀ, ନସିର ଅହମ୍ମଦ, ସନ୍ୟାସୀ ପ୍ରଧାନ, ଲୋକନାଥ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରାହ୍ମଣଛାଇ ଗୋଷ୍ଠୀ ବିବାଦ ଏଡ଼ାଇବାକୁ ପ୍ରୟାସ

**ହିଞ୍ଜିଳିକାଟୁ,୨୨।୯(ଡି.ଏନ.ଏ.)**

ଶେରଗଡ଼ ବ୍ଲକ ହିଞ୍ଜିଳି ଥାନା ଅନ୍ତର୍ଗତ ବ୍ରାହ୍ମଣଛାଇ ଗ୍ରାମରେ ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ୨ଗୋଷ୍ଠୀ ମଧ୍ୟରେ ହିଂସାକାଣ୍ଡ ଘଟୁଛି। ଏହି ସମୟ ମଧ୍ୟରେ ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ ଆକ୍ରମଣ-ପ୍ରତିଆକ୍ରମଣ ଯୋଗୁ ୩ ଜଣଙ୍କ ଜୀବନ ଯାଇଥିବା ବେଳେ ଅନେକ ଗୁରୁତର ହୋଇଛନ୍ତି। ବାରମ୍ବାର ହିଂସାକାଣ୍ଡ ହେତୁ ସାଧାରଣ ଲୋକ ଗାଁ ଛାଡ଼ି ଅନ୍ୟତ୍ର ରହୁଛନ୍ତି। ଗ୍ରାମର ଏକ ଗୋଷ୍ଠୀର ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ବୁଧବାର ହିଞ୍ଜିଳି ଥାନା ଆଇଆଇସି ଅଭିମନ୍ୟୁ ଦାଶଙ୍କ ସହ ଆଲୋଚନା କରିଛନ୍ତି। ଏଣିକି ଗ୍ରାମରେ ଶାନ୍ତିରେ ବସବାସ କରିବା ପାଇଁ ପ୍ରସ୍ତାବ ଦେବା ସହ ଅନ୍ୟ ଗୋଷ୍ଠୀ ସହ ଶାନ୍ତି ବୈଠକ ପାଇଁ ସହମତି ପ୍ରକାଶ କରିଥିବା ଆଇଆଇସି ଦାଶ କହିଛନ୍ତି। ଗ୍ରାମର ନୟନ ମଲ୍ଲିକ, ହରିହର ଦଳାଇ, କବିରାଜ ପ୍ରଧାନ, ସନ୍ତୋଷ ପ୍ରଧାନ ପ୍ରମୁଖ ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ପୋଲିସ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଗତ ଜୁଲାଇ ୬ତାରିଖ ରାତିରେ ହୋଇଥିବା ଗୋଷ୍ଠୀ ସଂଘର୍ଷରେ ସରପଞ୍ଚ ସତ୍ୟ ନାରାୟଣ ପୃଷ୍ଟିଙ୍କ ସମେତ ୯ଜଣ ଆହତ ହୋଇଥିଲେ। ଏ ନେଇ ଉଭୟ ପକ୍ଷର ଅଭିଯୋଗକ୍ରମେ ଥାନାରେ ପୃଥକ ୨ ମାମଲା ରୁଜୁ ହୋଇଥିଲା। ଉଭୟ ଗୋଷ୍ଠୀର ୧୦ରୁ ଉର୍ଦ୍ଧ୍ୱଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜେଲ ଯାଇଥିବା କେତେଜଣ ଅଭିଯୁକ୍ତ ଜାମିନରେ ଫେରିଛନ୍ତି।



ଖଣ୍ଡପଡ଼ା ବ୍ଲକ କିଆଝର ପଞ୍ଚାୟତର ଏକ ଟିକାଦାନ କେନ୍ଦ୍ରରେ ବୁଧବାର ଲୋକଙ୍କ ଭିଡ଼ ଲାଗିଛି।

## କିଆଝର ପଞ୍ଚାୟତରେ ରେକର୍ଡ ସଂଖ୍ୟକ ଟିକା ପ୍ରଦାନ

**ଖଣ୍ଡପଡ଼ା,୨୨।୯ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କିଆଝର ପଞ୍ଚାୟତର ଜନସାଧାରଣଙ୍କୁ କୋଭିଡ ଟିକା ପ୍ରଦାନ ପାଇଁ ବୁଧବାର ୬ଟି ସ୍ଥାନରେ ଟିକାଦାନ କେନ୍ଦ୍ର ଖୋଲାଯାଇଥିଲା। ଫଳରେ ରେକର୍ଡ ସଂଖ୍ୟକ ଟିକା ପ୍ରଦାନ କରାଯାଇଛି । ଉକ୍ତ ୬ କେନ୍ଦ୍ରରେ ସର୍ବମୋଟ ୧୪ଶହ ମହିଳା ଓ ପୁରୁଷ ଟିକା ନେଇଛନ୍ତି। କିଆଝର ପଞ୍ଚାୟତ ସରପଞ୍ଚ ଚନ୍ଦ୍ରକାନ୍ତ ବଳିୟାରସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ସମସ୍ତ ଟିକାଦାନ କେନ୍ଦ୍ରରେ ଉପସ୍ଥିତ ରହି କୋଭିଡ୍ କଟକଣା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିଥିଲେ ।

## ବିଜୁ ସାଂସ୍କୃତିକ ସାମ୍ମୁଖ୍ୟର ପ୍ରଥମ ବୈଠକ


ଅତିଥିମାନଙ୍କ ସହ ସମ୍ମାନିତ କଳାକାର ।

**ନୂଆଗାଁ,୨୨।୮(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବିଜୁ ସାଂସ୍କୃତିକ ସାମ୍ମୁଖ୍ୟର ପ୍ରଥମ ସାଙ୍ଗଠନିକ ବୈଠକ ବୁଧବାର ନୂଆଗାଁ ହାଟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୟାଗଡ଼ ଜିଲା ବିଜୁ ସମନ୍ୱୟ ସାଂସ୍କୃତିକ ସାମ୍ମୁଖ୍ୟର ଜିଲା ସଭାପତି ସୁବାସ ଚନ୍ଦ୍ର କଅଁର ଯୋଗ ଦେଇଥିଲେ। ଓଡ଼ିଶାର ଗ୍ରାମାଞ୍ଚଳରେ ଲୁଚି ରହିଥିବା କଳାକାରମାନଙ୍କୁ ପଞ୍ଜିକୃତ କରାଇ ସେମାନଙ୍କୁ ସମସ୍ତ ପ୍ରକାର ସରକାରୀ ସୁବିଧା ସୁଯୋଗ ଦେବା ସହ ପରିଚୟ ପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ଅବସରରେ କଳାକାର ଧନେଶ୍ୱର ସାହୁ, ଗୋଲଖ ବିହାରୀ ଗୋଛାୟତ ,ରାଜ କିଶୋର ପ୍ରଧାନ, ଯୁଧିଷ୍ଠିର ନାୟକ, ଗୋଲଖ ବିଶ୍ୱାଳଙ୍କୁ ସମ୍ମାନୀତ କରାଯାଇଥିଲା। ଆଗାମୀ ଦିନରେ ବ୍ଲକର ସମସ୍ତ କଳାକାରଙ୍କୁ ନେଇ ସାଂସ୍କୃତିକ ମହୋତ୍ସବ କରାଯିବା ସହ ଅଗ୍ରଣୀ କଳାକାରମାନଙ୍କୁ ପୁରସ୍କୃତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ବୈଠକକୁ ନୂଆଗାଁ ବିଜୁ ସମନ୍ୱୟ ସାଂସ୍କୃତିକ ସାମ୍ମୁଖ୍ୟ ସଭାପତି ଶିବଦତ୍ତ ପାତ୍ର ପରିଚାଳନା କରିଥିବା ବେଳେ ଉପସଭାପତି ପଞ୍ଚାନନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶ୍ୱନାଥ ପ୍ରଧାନ, ପ୍ରଫୁଲ୍ଲ କୁମାର ସାହୁ, ମୀନକେତନ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ଅଭିଯୋଗ

**ଫୁଲବାଣୀ ଅଫିସ/ଚକାପାଦ, ୨୨।୯**

ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ପଣସପଦର ଗ୍ରାମରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହୋଇଥିବା କାର୍ଯ୍ୟରେ ଦୁର୍ନୀତି ହୋଇଛି। ପଣସପଦର ଗ୍ରାମର ତଳସାହି, ଉପରସାହିରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଜମି ହୁଡା ମରାମତି କାମ ପାଇଁ ୮ ଲକ୍ଷ ଟଙ୍କା, ମୁଖିସାହିଠାରୁ ଧୋବାନାଳ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଯେଉଁମାନେ ଏଥିରେ କାମ କରି ନାହାନ୍ତି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଛି । ଯେଉଁମାନେ କାମ କରିଛନ୍ତି ସେମାନଙ୍କୁ ପାରିଶ୍ରମିକ ଦିଆଯାଇନାହିଁ। ସେହିପରି ମୃତ ବ୍ୟକ୍ତିଙ୍କ ନାମରେ ମଧ୍ୟ ଟଙ୍କା ଯାଇଛି ବୋଲି ଗ୍ରାମବାସୀ ଏପିଓ ନିବେଦିତ ତ୍ରିପାଠୀଙ୍କ ପାଖରେ ଲିଖିତ ଅଭିଯୋଗ କରିଛନ୍ତି । ଗାଁସାଥି ମାନେ ଏହି ଦୁର୍ନୀତିରେ ପ୍ରତ୍ୟକ୍ଷ ଭାବେ ଜଡିତ ରହିଛନ୍ତି । ସେମାନଙ୍କୁ ପଦବୀରୁ ବାହାର କରିବା ପାଇଁ ବିଡିଓ ଏବଂ ଏପିଓଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି । ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏପିଓ ତ୍ରିପାଠୀ ପ୍ରତିଶ୍ରୁତି ଦେଇଛନ୍ତି । ଗାଁ ସାଥି କାହ୍ନୁ ଦଳବେହେରାଙ୍କୁ ପଚାରିବାରୁ ମୁଁ ଟଙ୍କା ଛାଡୁ ନାହିଁ, ବ୍ଲକ ପ୍ରଶାସନ ପ୍ରଦାନ କରୁଛି ବୋଲି କହିଛନ୍ତି ।

## ଉପନିର୍ବାଚନ ଘୋଷଣା ପରେ ଭାପୁର ଚଳଚଞ୍ଚଳ

**ନୟାଗଡ଼ ଅଫିସ,୨୨।୯**

- ପୁଣି ନିର୍ବାଚନ ମଇଦାନକୁ ଓହ୍ଲାଇବେ ଶାନ୍ତିଲତା
- ସଂରକ୍ଷିତ ଆଦିବାସୀ ବର୍ଗର ମହିଳା ପ୍ରାର୍ଥିନୀ ନାହାନ୍ତି
- ଚିନ୍ତାରେ ଗୟାଧରଙ୍କ ଗୋଷ୍ଠୀ

ଅକ୍ଟୋବର ୫ରେ ନୟାଗଡ଼ ଜିଲା ଭାପୁର ବ୍ଲକ ଅଧ୍ୟକ୍ଷା ଉପ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ତାରିଖ ଘୋଷଣା କରିବା ପରେ ଭାପୁର ବ୍ଲକ ରାଜନୀତି ଚଳଚଞ୍ଚଳ ହୋଇଉଠିଛି । ବ୍ଲକ ଅଧ୍ୟକ୍ଷା ପଦବୀ ଆଦିବାସୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଅନାସ୍ଥାରେ କଟିଥିବା ପୂର୍ବତନ ଅଧ୍ୟକ୍ଷା ଶାନ୍ତିଲତା ବେହେରା ପୁଣି ପ୍ରାର୍ଥୀ ହେବାର ସମ୍ଭାବନା ରହିଛି। କାରଣ ବ୍ଲକ ଅଧ୍ୟକ୍ଷା ପାଇଁ ଆଉ କେହି ସଂରକ୍ଷଣ ବର୍ଗର ମହିଳା ପ୍ରାର୍ଥୀ ନାହାନ୍ତି । ଗତ ଅଗଷ୍ଟ୧୭ ରେ ଅନାସ୍ଥା ଭୋଟରେ ଶାନ୍ତିଲତା ହାରିଥିଲେ। ମୋଟ ୩୯ ଭୋଟରୁ ୩୨ଟି ଭୋଟ ଅନାସ୍ଥା ସପକ୍ଷରେ ଯାଇଥିବାବେଳେ ୭ଟି ବିପକ୍ଷରେ ଯାଇଥିଲା । ଏମ୍‌ପି, ବିଧାୟକ ଓ ଜଣେ ସଭ୍ୟ ମତଦାନରେ ଅନୁପସ୍ଥିତ ଥିଲେ ।

ସୂଚନା ଅନୁସାରେ ୨୦୧୭ ପଞ୍ଚାୟତ ନିର୍ବାଚନରେ ଭାପୁର ବ୍ଲକକୁ ବିଜେଡି ନିଜ ଦଖଲରେ ରଖିଥିଲା। ଶାନ୍ତିଲତା ଅଧ୍ୟକ୍ଷା ଓ ଗୟାଧର ପରିଡା ଉପାଧ୍ୟକ୍ଷ ହୋଇଥିଲେ। ହେଲେ ଶାନ୍ତିଲତା ଉପାଧ୍ୟକ୍ଷଙ୍କ ନାଁରେ ଅଭିଯୋଗ କରିବା ପରେ ପରିସ୍ଥିତି ବଦଳି ଯାଇଥିଲା । ସରକାରୀ କାର୍ଯ୍ୟାଳୟକୁ ବ୍ଲକ ଉପାଧ୍ୟକ୍ଷ ଜବରଦଖଲ କରି ରଖିବା, ବ୍ଲକ ଅଫିସକୁ ନ ଆସିବାକୁ ଅଧ୍ୟକ୍ଷାଙ୍କୁ ଧମକ ଦେବା, ସରକାରୀ କାର୍ଯ୍ୟରେ ଉପାଧ୍ୟକ୍ଷ ସବୁ ସମୟରେ ବାଧା ଦେବା, ଜାଲ ଦସ୍ତଖତ ଓ ଜାଲ ଲେଟର ପ୍ୟାଡକୁ ବ୍ୟବହାର କରି ସରକାରୀ ଟଙ୍କା ଆତ୍ମସାତ, ବହୁ କୋଟି ଟଙ୍କାର ଫଲସ ବିଲ୍ କରାଇ ଅଧ୍ୟକ୍ଷାଙ୍କୁ ଫସାଇବା ନେଇ ଫତେଗଡ ଥାନାରେ ଗତ ଜୁଲାଇ ୧୧ରେ ଅଭିଯୋଗ ହୋଇଥିଲା। ପ୍ରତିବାଦ କରିବାରୁ ବିଭିନ୍ନ ସମୟରେ ହତ୍ୟା ଧମକ, ଜାତିଆଣ ଆକ୍ଷେପ ସହିବାକୁ ପଡିଥିବା ଅଧ୍ୟକ୍ଷା ଅଭିଯୋଗରେ ଦର୍ଶାଇଥିଲେ । ପୋଲିସ ଗତ ଜୁଲାଇ ୧୫ରେ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏହାପରେ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ମଧ୍ୟରେ ରାଜନୈତିକ ବିବାଦ ଲାଗି ରହିଥିଲା । ଅନ୍ୟପକ୍ଷେ ଅଧ୍ୟକ୍ଷା ଥାନାରେ ଅଭିଯୋଗ କରିବା ପରେ ଗତ ଜୁଲାଇ ୧୩ରେ ଉପାଧ୍ୟକ୍ଷଙ୍କ ସହଯୋଗୀମାନେ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଆବେଦନ କରିଥିଲେ। ବ୍ଲକର ୧୮ଜଣ ସମିତିସଭ୍ୟ ଓ ସରପଞ୍ଚଙ୍କ ସ୍ୱାକ୍ଷର ଥିବା ଏହି ଆବେଦନ ପତ୍ରକୁ ୫ଜଣ ପଞ୍ଚାୟତ ପ୍ରତିନିଧି ଧରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିଥିଲେ ।

ଏକାଠି କାମ କରୁଥିବା ଦୁଇ ନେତା ପରସ୍ପର ବିରୋଧରେ ଆକ୍ଷେପ ପ୍ରତିଆକ୍ଷେପ କରିଥିଲେ । ଉପାଧ୍ୟକ୍ଷ ଗୟାଧରଙ୍କ ରାଜନୈତିକ ପକ୍ଷ ଛେଦନ କରିବାକୁ ନିଜ ଦଳର ବିରୋଧି ଗୋଷ୍ଠୀ ଗୋଟି ଚାଳନା କରିଥିଲେ । ହେଲେ ଅନାସ୍ଥାରେ ଅଧ୍ୟକ୍ଷା ହାରିଯିବା ପରେ ଗୟାଧରଙ୍କ ପଲ୍ଲା ଭାରି ରହିଲା । ସେ ପୁଣି ରାଜନୀତିରେ ଶକ୍ତିଶାଳୀ ହୋଇ ଉଠିଲେ । ହେଲେ ଉପନିର୍ବାଚନ ଘୋଷଣା ପରେ ଗୟାଧରଙ୍କ ଚିନ୍ତା ବଢ଼ିଛି । କାରଣ ଶାନ୍ତିଲତା ପୁଣିଥରେ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି ।

## ଅସ୍ତିତ୍ୱ ହରାଇବାକୁ ବସିଛି ଏକାଧିକ ଜଳାଶୟ

**ଖଣ୍ଡପଡ଼ା,୨୨।୯ (ସ୍ୱ.ପ୍ର.)**

ଖଣ୍ଡପଡ଼ା ତହସିଲ ଅଧୀନ କଣ୍ଟିଲୋ ରାଜସ୍ୱ ଗ୍ରାମରେ ରହିଛି ପ୍ରାୟ ୨୩.୯୦ଏକର ପରିମିତ ବିଭିନ୍ନ ପୋଖରୀ, ଜଳାଶୟ, ଖାଡିଆ ଓ ପତିତ କିସମର ଜମି । ବନ୍ଦୋବସ୍ତ ମୁତାବକ ପ୍ଲଟ ନମ୍ବର ୨୦୮୧ରେ ୨.୮୬ ଏକରର ନଡିଆ ପୋଖରୀ,୯୨୮ ଓ ୯୫୮ ପ୍ଲଟରେ ୫.୪୫ ଏକରର ନୀଳମାଧବ ଜୀଉଙ୍କ ଚନ୍ଦନ ପୋଖରୀ, ୧୯୦୮.୧୯୦୯ ଓ ୧୯୧୦ ପ୍ଲଟରେ ୨.୬୯ ଏକରର ଭରତ ସାମନ୍ତରାୟ ପୋଖରୀ,୨୦୩୨ ପ୍ଲଟରେ ୧.୩୯ ଏକର ପରିମିତ ଖଣ୍ଡିଆ ପୋଖରୀ,୨୯୭୦.୨୯୭୧ ପ୍ଲଟରେ ୫.୮୭ ଏକର ପରିମିତ ପାଣ୍ଡୁସାହୁ ପାଟଣା ବଡ ପୋଖରୀ ଏବଂ ୨୨୦୭ ଓ ୨୨୦୮ ପ୍ଲଟରେ ୪.୧୯ ଏକର ପରିମିତ ଚଣ୍ଡୀ ପୋଖରୀ ରହିଛି । ଉପରୋକ୍ତ ଜଳାଶୟ ଗୁଡିକ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ କାଳକ୍ରମେ ପୋତି ହୋଇପଡ଼ିଛି । ବିଶେଷକରି ଠାକୁରଙ୍କ ଚନ୍ଦନ ଚାପ ପାଇଁ ବ୍ୟବହୃତ ଚନ୍ଦନ ପୋଖରୀ, ନଡିଆ ପୋଖରୀ ଓ ଭରତ ସାମନ୍ତରାୟ ପୋଖରୀ ରାସ୍ତା କଡରେ ଥିବାରୁ ସର୍ବସାଧାରଣଙ୍କ ସହ ଆଖପାଖ ସାହି ଓ ଛାତ୍ରୀଛାତ୍ରଙ୍କ ନିତ୍ୟ ବ୍ୟବହାରରେ ଲାଗିଥାଏ । ହେଲେ ସେହି ପୋଖରୀଗୁଡ଼ିକ ଏବେ ନିଜ ଅସ୍ତିତ୍ୱ ହରାଇବାକୁ ବସିଛି।


କଣ୍ଟିଲୋ ବଜାର ନିକଟରେ ଥିବା ଜଳାଶୟକୁ ଜବରଦଖଲ କରି ଘର ନିର୍ମାଣ କରାଯାଇଛି।

- ନୀଳମାଧବଙ୍କ ଚନ୍ଦନ ପୋଖରୀ ବି ପୋତି ହେଉଛି
- ବହୁ ଜଳାଶୟ ଜବରଦଖଲକାରୀଙ୍କ କବ୍‌ଜାରେ
- ନିର୍ମାଣ ଚାଲିଛି କୋଠା, କାର୍ଯ୍ୟାନୁଷ୍ଠାନ ନାହିଁ

କଣ୍ଟିଲୋ ଯାତ୍ରାପଦା ବଜାର ନିକଟରେ ଥିବା ୧୮୬୭ ପ୍ଲଟରେ ୪୯ଡେସିମିଲ ଜଳାଶୟ କିସମ ଧୋବା ଖାଡିଆ ଏବଂ ୧୮୬୯,୧୮୭୦ ପ୍ଲଟରେ ଥିବା ଜଳାଶୟ ଯାହାକି କଣ୍ଟିଲୋ ପଞ୍ଚାୟତ ଅଧୀନରେ ଥିବାରୁ ପ୍ରତିବର୍ଷ ମାଛ ଚାଷ ପାଇଁ ପଞ୍ଚାୟତ ପକ୍ଷରୁ ନିଲାମ ଦିଆଯାଇଥାଏ । ଏହାବାଦ୍ ୯୭୬ ପ୍ଲଟରେ ୫୦ଡେସିମିଲ ଜଳାଶୟ କିସମ ଓ ୯୭୭ ଏବଂ ୯୭୮ ପ୍ଲଟରେ ଥିବା ୪୬ ଡେସିମିଲ ପତିତ କିସମର ଜାଗା ରହିଛି । ଏହି ଜଳାଶୟ ଗୁଡିକ ନିକଟ ଗ୍ରାମ ଓ ସାହିବସ୍ତିଠାରୁ ନିମ୍ନ ପତ୍ତନରେ ଥିବାରୁ ସାହି ବସ୍ତିରୁ ଆସୁଥିବା ନର୍ଦ୍ଦମା ପାଣି ଓ ବର୍ଷା ଜଳ ସେହି ଜଳାଶୟରେ ପଡିଥାଏ । ଏବେ ସେହି ଜଳାଶୟ ବହୁ ଲୋକଙ୍କ ଜବରଦଖଲରେ ରହିଛି । ଧୀରେ ଧୀରେ ସେହି ଜଳାଶୟ ସଙ୍କୁଚିତ ହେବାରେ ଲାଗିଛି । ୧୮୬୭ ପ୍ଲଟରେ ଥିବା ଜମିରେ ମାର୍କେଟ କମ୍ପ୍ଲେକ୍ସକୁ ଯୋଜନା ପ୍ରସ୍ତୁତ ହୋଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ସେହି ଯୋଜନା ଅଧୁରା ରହିଛି । ଏହି ଜଳାଶୟଟି କଣ୍ଟିଲୋ ପଞ୍ଚାୟତ ତତ୍ତ୍ୱାବଧାନରେ ରହିଥିଲେ ମଧ୍ୟ ଜବରଦଖଲକାରୀମାନେ ସେଠାରେ ସ୍ଥାୟୀ ଗୃହ ଓ ଦୋକାନ ଘର ନିର୍ମାଣ କରି ଚାଲିଛନ୍ତି । ସେଥିପ୍ରତି ବିଭାଗୀୟ ଅଧିକାରୀଙ୍କ ନିଘା ନାହିଁ । କଣ୍ଟିଲୋ ମୌଜାରେ ଥିବା ପ୍ରାୟ ୨୪ ଏକର ପୋଖରୀ, ଜଳାଶୟ ଓ ପତିତ ଜମିରେ କେତେ ଜଳାଶୟ ଓ ପୋଖରୀ ରହିଛି ତାର ଠିକ ହିସାବ ଖଣ୍ଡପଡା ତହସିଲରେ ନାହିଁ । କେବଳ ରେକର୍ଡ ପତ୍ରରେ ଜଳାଶୟ ରହିଥିବା ବେଳେ ବାସ୍ତବରେ ଜଳାଶୟ ଗୁଡିକ କୋଠାବାଡି ଓ ବ୍ୟବସାୟ ପ୍ରତିଷ୍ଠାନରେ ଭର୍ତ୍ତି ହୋଇଛି। ପ୍ରଶାସନିକ ଅଧିକାରୀମାନେ ଏହି ବେଆଇନ କାର୍ଯ୍ୟ ସମ୍ପର୍କରେ ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଏହି କାରଣରୁ ଜିଲା ପ୍ରଶାସନ ଓ ଖଣ୍ଡପଡ଼ା ରାଜସ୍ୱ ବିଭାଗ ଗୁରୁତ୍ୱ ନ ଦେଲେ ପର୍ଯ୍ୟଟନସ୍ଥଳୀ କଣ୍ଟିଲୋରେ ଥିବା ଜଳାଶୟ ଓ ପୋଖରୀ ଅସ୍ତିତ୍ୱ ହରାଇବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏସମ୍ପର୍କରେ କଣ୍ଟିଲୋ ନୀଳମାଧବ ଜୀଉ ଦେବୋତ୍ତର ମ୍ୟାନେଜର ହରିହର ଦାଶଙ୍କ ସହ ଯୋଗାଯୋଗ କରାଯାଇଥିଲା । ସେ କହିଛନ୍ତି, କଣ୍ଟିଲୋର କେତେଜଣ ଲୋକଙ୍କ ଯୋଗୁ ଜବରଦଖଲ ବୃଦ୍ଧି ପାଉଛି। ଏହାର ପ୍ରତିକାର ପାଇଁ ପ୍ରଶାସନ ଆଇନଗତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।